# ଅ ଆ କ କ୍ଷ...

‘ମୋ ସ୍କୁଲ’ ହାଲଚାଲ

‘ମୋ ସ୍କୁଲ’ ଅଭିଯାନ, ସୂଚନାପତ୍ର ॥ ୧୪ ନଭେମ୍ବର ୨୦୨୦ ॥ ଶିଶୁ ଦିବସ



ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ‘ମୋ ସ୍କୁଲ’ ସୂଚନାପତ୍ର ୨୦୧୯ ନଭେମ୍ବର ସଂଖ୍ୟା ଉନ୍ମୋଚନ ଅବସରରେ

> “ମୁଁ ନିରନ୍ତର ସ୍ୱପ୍ନ ଦେଖୁଥାଏ । ସେହି ସ୍ୱପ୍ନରେ ମୁଁ ଦେଖେ, କେବଳ ପୁରାତନ ଛାତ୍ରଛାତ୍ରୀ ନୁହଁନ୍ତି, ଅଧିକରୁ ଅଧିକ ବ୍ୟକ୍ତି ଆସୁଛନ୍ତି ଓ ସେମାନଙ୍କର ସ୍ନେହ, ଶ୍ରଦ୍ଧା ଓ ସମୟ ଦେଉଛନ୍ତି । ଏହା ଦ୍ୱାରା ହିଁ ନୂଆ ପତ୍ର କଅଁଳିବ, ନୂଆ ଜୀବନ ଡେଣା ମେଲିବା ଆରମ୍ଭ କରିବ ।”

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ

‘ମୋ ସ୍କୁଲ’ ଆପ୍

SCAN ME — Android

SCAN ME — iOS

| ଲକ୍ଷ୍ୟ: | ସହଯୋଗ ପାଇଥିବା ସ୍କୁଲ: | ପ୍ରୋଜେକ୍ଟ ସଂଖ୍ୟା: | ସହଯୋଗ ଦେଇଛନ୍ତି: | ଉପକୃତ ଛାତ୍ରଛାତ୍ରୀ: |
|---|---|---|---|---|
| ୫୮,୦୦୦ ସ୍କୁଲ | ୧୧,୨୪୨ | ୧୫,୯୭୨ | ୧,୮୩,୪୬୪ | ୧୭,୩୯,୧୮୯ |

# ମୋ' ବସ୍ତାନିରୁ

**ସୁସ୍ମିତା ବାଗ୍‌ଚୀ**



ଛୋଟ ଗାଁର ଛୋଟିଆ ସ୍କୁଲଟିଏ । ବଗିଚାଟି କିନ୍ତୁ ଛୋଟ ନୁହଁ । ସୀମିତ ସମ୍ବଳ ଓ କାର୍ଯ୍ୟବ୍ୟସ୍ତତା ଭିତରେ ବଗିଚାର ଯତ୍ନ ନେବା ସ୍କୁଲ ପକ୍ଷରେ ଥିଲା କଷ୍ଟସାଧ । କିନ୍ତୁ ବଗିଚାର ଦାୟିତ୍ୱ ନେଇଗଲେ ଜଣେ । ସେ ସେଇ ଗ୍ରାମର ଜଣେ ବୟସ୍କ ଗ୍ରାମବାସୀ – ଶ୍ରୀ ଧୋବା ନାୟକ । ଅବସର ନେବା ପରେ ଶ୍ରୀ ନାୟକ ତାଙ୍କ ଗାଁ ସ୍କୁଲ ପାଇଁ କିଛି କରିବାକୁ ଚାହିଁଲେ । ନିଜର ସ୍ୱଳ୍ପ ପେନ୍‌ସନ୍ ଅର୍ଥ ଦାନ କରିବା ତାଙ୍କ ପାଇଁ ସମ୍ଭବପର ନ ଥିଲା । ସେଥିପାଇଁ ସେ ସ୍ଥିର କଲେ ଯେ ସେ ଶ୍ରମଦାନ କରିବେ । ଏବେ ତାଙ୍କରି ହାତଛୁଆଁରେ ଆଖି ନ ଫେରାଇ ପାରିବା ଭଳି ସ୍କୁଲର ବଗିଚାଟି ।

ଶ୍ରୀ ନାୟକଙ୍କ ଭଳି ଅନେକଙ୍କର ଚିନ୍ତାଧାରାକୁ ରୂପ ଦେବା ପାଇଁ ୨୦୧୭ ମସିହା ନଭେମ୍ବର ୧୪ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ମୋ ସ୍କୁଲ ଅଭିଯାନ'ର ଶୁଭାରମ୍ଭ କରିଥିଲେ । ତାଙ୍କର ସ୍ୱପ୍ନର ପ୍ରକଳ୍ପଟି ଆଜି ଚତୁର୍ଥ ବର୍ଷରେ ପାଦ ଦେଇଛି ।

ଏଇ ଅବସରରେ ମୋ' ମନ ଚାଲିଯାଉଛି ପଛକୁ । ଗତ ଆଠ ମାସର ଅଭାବନୀୟ ଘଟଣା କେବଳ ଆମମାନଙ୍କୁ ନୁହଁ, ସମଗ୍ର ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ସ୍କୁଲ, କଲେଜ, ଅଫିସ୍ ବନ୍ଦ । ମୁକ୍ତ ଭାବରେ ଘୂରି ବୁଲିବା ବନ୍ଦ । ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନଙ୍କ ଘରକୁ ଯିବା କିମ୍ବା ସେମାନଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିବା ବନ୍ଦ । କାନ୍ଧରେ କାନ୍ଧ ମିଳେଇ ଚାଲିବାରେ ଅନେକ ବାଧା ।

କିନ୍ତୁ ଏଭଳି ପରିସ୍ଥିତିରେ ମଧ୍ୟ ସବୁ କିଛି ଅଟକି ଯାଇନାହିଁ । 'ମୋ ସ୍କୁଲ'ର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ ଏହି ଯେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଓ ସଦିଚ୍ଛା ହ୍ରାସ ପାଇନାହିଁ । ବର୍ତ୍ତମାନର ଉଦ୍‌ବେଗଜନିତ ଅବସ୍ଥାରେ ମଧ୍ୟ ସେମାନଙ୍କର ଓଡ଼ିଶାର ସ୍କୁଲମାନଙ୍କ ସହିତ ଭାବାତ୍ମକ ସମ୍ପର୍କ ପ୍ରାୟ ପୂର୍ବ ଭଳି ରହିଛି ।

ସେମାନଙ୍କର ଆଗ୍ରହ, ସ୍ନେହ ଆମକୁ ଆଗେଇ ଯିବା ପାଇଁ ପ୍ରେରଣା ଦେଉଛି । ଏବେ ମଧ୍ୟ ଜିଲ୍ଲା, ବ୍ଲକ୍ ଓ ସ୍କୁଲ କର୍ମକର୍ତ୍ତାମାନଙ୍କ ସହିତ ଆମମାନଙ୍କର ସମ୍ପର୍କ ରହିଛି । ତେବେ ତଫାତ୍ ଏତିକି – ଆମମାନଙ୍କର ଯୋଗାଯୋଗ ଭର୍ଚୁଆଲି ହେଉଛି । ଏହା ଛଡ଼ା ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ ଅନୁଷ୍ଠାନ ସହିତ ହାତ ମିଳେଇ ଆମେ ଶିକ୍ଷକମାନଙ୍କ ପାଇଁ ଅନେକ ରକମର ପ୍ରଶିକ୍ଷଣର ବ୍ୟବସ୍ଥା କରିପାରିଛୁ । ଘରର ଚାରି କାନ୍ଥ ଭିତରେ ଆବଦ୍ଧ ରହିଯାଇଥିବା ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ଶିକ୍ଷଣୀୟ ତଥା ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ କରିପାରିଛୁ ।

ବର୍ତ୍ତମାନର ଅନିଶ୍ଚିତତା ଦିନେ ନା ଦିନେ ଚାଲିଯିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆମ ସମସ୍ତଙ୍କୁ ମନ ଦୃଢ଼ କରି ସେ ପର୍ଯ୍ୟନ୍ତ ରହିବାକୁ ହେବ । ଆମ ରାଜ୍ୟ, ଦେଶ ଓ ବିଶ୍ୱର ଭବିଷ୍ୟତ – ଆମରି ପିଲାମାନଙ୍କ ପାଇଁ ଆମକୁ ଏକ ମନ, ଏକ ପ୍ରାଣ ହୋଇ କାର୍ଯ୍ୟ କରିଯିବାକୁ ହେବ । ଆମ ପିଲାଙ୍କ ଭିତରେ ଲୁଚି ରହିଛନ୍ତି ବୈଜ୍ଞାନିକ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ । ମୋର ଦୃଢ଼ ବିଶ୍ୱାସ, ଭବିଷ୍ୟତରେ ଯଦି ବର୍ତ୍ତମାନ ଭଳି ମହାମାରୀ କେବେହେଲେ ଦେଖାଦିଏ, ତେବେ ଏଇମାନେ ହିଁ ଅଗ୍ରଣୀ ହୋଇ ପୃଥିବୀର ଦାୟିତ୍ୱ ନେବେ ।

**ଅଧ୍ୟକ୍ଷା, 'ମୋ ସ୍କୁଲ ଅଭିଯାନ'**



ଶିକ୍ଷା ବାଣ୍ଟୁଛି ଖୁସି

# ‘ମୋ ସ୍କୁଲ’ ପାଇଁ ପଦେ

‘ମୋ ସ୍କୁଲ’ ନାଁ ଶୁଣିଲେ ଦେହରେ ରୋମାଞ୍ଚ ଭରିଯାଏ । ମୁହୂର୍ତ୍ତକ ମଧ୍ୟରେ ଆମକୁ ଭାବନା ରାଜ୍ୟରେ ଟାଣିନିଏ ସ୍କୁଲ ଦିନକୁ, ଯେଉଁଠି ଆମେ ସମସ୍ତେ ହସିଖେଳି, ସାଙ୍ଗସାଥି ମେଳରେ ଆମର ପିଲାଦିନ କଟାଇଥିଲେ; ଯିଏ ଆମ ପାଟିରେ ଭାଷା, ଆମ ହାତରେ କଲମ ଧରାଇ ଥିଲା; ଯିଏ ଆମ ଜୀବନର ମୂଳଦୁଆ ପକାଇଥିଲା । ଆଜି ଆମେ ସମାଜରେ ଯିଏ ଯେଉଁ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ତା’ର ପ୍ରଥମ ଶ୍ରେୟ ଯାଏ ସ୍କୁଲକୁ ।

ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଭାବରେ ଦାୟିତ୍ୱ ନେବା ପରେ ମୋତେ ସବୁଠୁ ବେଶି ପ୍ରଭାବିତ କରିଛି ସରକାରଙ୍କ ‘ମୋ ସ୍କୁଲ’ ଯୋଜନା । ପୁରାତନ ଛାତ୍ରଛାତ୍ରୀଙ୍କୁ ପୁଣିଥରେ ସ୍କୁଲ ସହ ଯୋଡ଼ିବା, ତାଙ୍କ ସାହାଯ୍ୟ, ସହଯୋଗ ଓ ପରାମର୍ଶରେ ସ୍କୁଲର ବିକାଶ କରିବା, ଭବିଷ୍ୟତ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା, ବାସ୍ତବରେ ଏକ ଅଭିନବ ପ୍ରୟାସ ।

ମୁଁ ପଢ଼ିଥିବା ସ୍କୁଲକୁ ନେଇ ଆଜି ମଧ୍ୟ ମୁଁ ଗର୍ବ ଅନୁଭବ କରେ । ହୁଏତ ସେଇଥିପାଇଁ ମୋ’ ସମୟର ଶିକ୍ଷକମାନଙ୍କ ସହ ଏବେବି ମୁଁ ସମ୍ପର୍କରେ ଅଛି । ସେମାନଙ୍କ ଆଶୀର୍ବାଦ ଓ ପରାମର୍ଶ ନେଉଛି ।



**ସତ୍ୟବ୍ରତ ସାହୁ**
ପ୍ରମୁଖ ଶାସନ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

କରୋନା ଯୋଗୁଁ ବିଦ୍ୟାଳୟମାନ ବନ୍ଦ ରହିଛି ସତ ମାତ୍ର ଏହି ସମୟରେ ମଧ୍ୟ ସ୍କୁଲର ଆହ୍ୱାନକୁ ଭୁଲି ନାହାନ୍ତି ପୁରାତନ ଛାତ୍ରଛାତ୍ରୀ । ବିଗତ ତିନି ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପୁରାତନ ଛାତ୍ରଛାତ୍ରୀମାନେ ୩ କୋଟି ୯୬ ଲକ୍ଷରୁ ଅଧିକ ଟଙ୍କାର ସହଯୋଗ ରାଶି ଦେଇଛନ୍ତି । ଆନନ୍ଦର କଥା ମୁଁ ସବୁଠାରୁ ଅଧିକ ସମୟ ପାଠ ପଢ଼ିଥିବା ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣାର ଛାତ୍ରଛାତ୍ରୀମାନେ ଏକାଠି ହୋଇ ୧୨ ଲକ୍ଷ ୨୫ ହଜାର ୪୬୪ ଟଙ୍କାର ଅର୍ଥରାଶି ଦେବାକୁ ଆଗେଇ ଆସିଛନ୍ତି ।

ମୋର ଦୃଢ ବିଶ୍ୱାସ ପୁରାତନ ଛାତ୍ରଛାତ୍ରୀ ଅଣ୍ଟା ଭିଡ଼ିଲେ ଆଗାମୀ ପିଢ଼ିର ପିଲାଙ୍କ ପାଇଁ ଆମେ ଏକ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟି କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏହି ଅଭିନବ ପରିକଳ୍ପନାକୁ ବାସ୍ତବ ରୂପ ଦେବା ସଙ୍ଗେସଙ୍ଗେ ମୋ’ ସ୍କୁଲ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିପାରିବା ।

ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ମୁଁ ମୋ’ ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ସମସ୍ତ ଭାରତୀୟ ପ୍ରଶାସନିକ ସେବା ଓ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନଙ୍କୁ ମୋ’ ସ୍କୁଲ ଯୋଜନାରେ ସାମିଲ ହୋଇ ନିଜେ ପାଠ ପଢ଼ିଥିବା ବିଦ୍ୟାଳୟକୁ ସମୃଦ୍ଧ କରିବା ପାଇଁ ନିବେଦନ କରୁଛି । ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଓ ଜନପ୍ରତିନିଧିଙ୍କୁ ଏହି ମହାନ କାର୍ଯ୍ୟରେ ଯୋଡ଼ି ହେବା ପାଇଁ ମୋର ଅନୁରୋଧ ରହିବ ।



# କିପରି ବଦଳିଲା ଶ୍ରୀ ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ଚିତ୍ର ଓ ପରିବେଶ ?

୧୯୬୯ରେ ଗୋଟିଏ ଚାଳଘରେ ଆରମ୍ଭ ହୋଇଥିଲା ସ୍କୁଲଟିଏ । ୧୯୭୨ ବାତ୍ୟାରେ ତାହା ଭାଙ୍ଗିଗଲା । ଗଢ଼ାଗଲା ଆଜବେଷ୍ଟସ ଘର । କିନ୍ତୁ ୧୯୯୯ର ମହାବାତ୍ୟାରେ ତାହା ପୁଣି ଉଜୁଡ଼ିଗଲା । ବାରମ୍ବାର ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥିବା ବିଦ୍ୟାଳୟଟି ଏବେ କେବଳ ସଳଖି ଛିଡ଼ା ହୋଇନାହିଁ, ବରଂ ସୁନ୍ଦର ରୂପ ନେଇପାରିଛି । ଏହା ପଛରେ ରହିଛି 'ମୋ ସ୍କୁଲ ଅଭିଯାନ'ର ହାତ । ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ କରଞ୍ଜମାଳ ଗ୍ରାମପଞ୍ଚାୟତର ଶଶିକାଦେଇପୁରରେ ଥିବା ଶ୍ରୀ ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ଏ ହେଉଛି ସଂକ୍ଷିପ୍ତ କାହାଣୀ ।

ଧାମରା ବନ୍ଦରରୁ ୧୦ କିଲୋମିଟର ଦୂରରେ ସମୁଦ୍ର ପାଖରେ ରହିଛି ଏହି ଶିକ୍ଷାନୁଷ୍ଠାନ । ଗ୍ରାମର ସାରଦାକାନ୍ତ ପଣ୍ଡା ଓ ନୀଳ କମଳ ପଣ୍ଡା ସ୍କୁଲ ପ୍ରତିଷ୍ଠା ପାଇଁ ନିଜ ଜାଗା ଦାନ କରିଥିଲେ । ଅଧିକ ଜାଗା ଆବଶ୍ୟକ ପଡ଼ିବାରୁ ସେମାନେ ଆହୁରି କିଛି ଜମି କିଣି ସ୍କୁଲକୁ ହସ୍ତାନ୍ତର କରିଥିଲେ । ସେମାନଙ୍କ ଦାନ ଓ ଆଖପାଖ ୫ଟି ଗାଁର ଲୋକଙ୍କ ସହଯୋଗ ବଳରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କ ପାଇଁ ଶିକ୍ଷାର ମନ୍ଦିର ଭାବେ ଗଢ଼ିଉଠିଥିଲା ଏହି ବିଦ୍ୟାପୀଠ ।



ଏବେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୬୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅଧିକାଂଶ ପିଲାଙ୍କ ଅଭିଭାବକ ଧାମରା ବନ୍ଦରରେ ଦିନ ମଜୁରିଆ ଭାବେ କାମ କରନ୍ତି ।

'ମୋ ସ୍କୁଲ ଅଭିଯାନ' ଅଧୀନରେ ଧାମରା ବନ୍ଦର ନ୍ୟାସ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଦାନ ମିଳିଲା । ତା' ସହିତ ଯୋଡ଼ି ହେଲା ଦୁଇଗୁଣା ସରକାରୀ ଅନୁଦାନ । ସେହି ଅର୍ଥରେ ସ୍କୁଲର ଆବଶ୍ୟକ ନୂଆ ଶ୍ରେଣୀଗୃହ ନିର୍ମାଣ କରାଗଲା ।

ଶିକ୍ଷକ ଓ କର୍ମଚାରୀ ତଥା ଜଣେ ପୁରାତନ ଶିକ୍ଷକଙ୍କଠାରୁ ଆଉ କିଛି ଦାନ ସଂଗ୍ରହ ହୋଇଛି । ଆହୁରି ସହଯୋଗ ଯୋଗାଡ଼ କରିବା ପାଇଁ ଉଦ୍ୟମ ଚାଲିଛି । ଆଗକୁ ସ୍କୁଲର ଗୋଟିଏ ଆପ୍ରୋଚ୍ ରୋଡ୍ ତିଆରି କରାଯିବ । ସେହିପରି ଗୋଟିଏ ବଡ଼ ହଲ୍ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି, ଯେଉଁଠାରେ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ ଓ ମିଟିଂ ଆୟୋଜନ କରାଯାଇପାରିବ ।

'ମୋ ସ୍କୁଲ ଅଭିଯାନ' ବାସ୍ତବରେ ବଦଳାଇ ଦେଇଛି ଶ୍ରୀ ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ଚିତ୍ର ଓ ପରିବେଶ । ଏହା ସ୍କୁଲର ଫାଟକ ଓ ନୂତନ ଶ୍ରେଣୀଗୃହଗୁଡ଼ିକୁ ଦେଖିଲେ ଜାଣିହେବ । ସ୍କୁଲକୁ ଆହୁରି ସରସ ଓ ସୁନ୍ଦର କରିବାକୁ ପ୍ରଧାନଶିକ୍ଷକ ରେବତୀକାନ୍ତ ବେହେରାଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି ।



ସଫେଇ ବେଳ

# ସୁନ୍ଦରଗଡ଼ରେ ୭୦ଟି ସ୍କୁଲର ପିଲାଙ୍କୁ ଗୋଟିଏ ଶ୍ରେଣୀରେ ଯୋଡ଼ିପାରିଛି 'ଭର୍ଚୁଆଲ୍ କ୍ଲାସ୍'

ଆଜିର କୋଭିଡ୍ ପରିସ୍ଥିତିରେ ଶିକ୍ଷାକ୍ଷେତ୍ରରେ ଡିଜିଟାଲ୍ ମାଧ୍ୟମର ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଆନନ୍ଦର କଥା, ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ୨୦୧୯ ମସିହାରେ ଏହିଭଳି ଅଭିନବ ଶିକ୍ଷାଦାନ ଆରମ୍ଭ କରିଥିଲା ।



'ଭର୍ଚୁଆଲ୍ କ୍ଲାସ୍' ପ୍ରକଳ୍ପ ଅଧୀନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୭୦ଟି ସ୍କୁଲକୁ ଭି-ସାଟ୍ ମାଧ୍ୟମରେ ଯୋଡ଼ା ଯାଇଥିଲା । ତା'ସହିତ ସୁନ୍ଦରଗଡ଼ ସଦର ମହକୁମାରେ ଏକ ଅତ୍ୟାଧୁନିକ ଷ୍ଟୁଡିଓ ଓ କଣ୍ଟ୍ରୋଲ ରୁମ୍ ନିର୍ମାଣ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ସ୍କୁଲରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆସି ଏହି ଷ୍ଟୁଡିଓରେ ଭର୍ଚୁଆଲ୍ କ୍ଲାସ୍ ନେଉଥିଲେ । ଅର୍ଥାତ୍ ଜଣେ ଶିକ୍ଷକ ଏକ ସମୟରେ ଜିଲ୍ଲାର ୭୦ଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇପାରୁଥିଲେ । ଶିକ୍ଷକ ଓ ଛାତ୍ରଛାତ୍ରୀମାନେ କ୍ଲାସରୁମ୍ ଭଳି ପରସ୍ପର ସହ କଥାବାର୍ତ୍ତା ମଧ୍ୟ କରିପାରୁଥିଲେ ।

କୋଭିଡ୍ ପରିସ୍ଥିତି ପାଇଁ ବର୍ତ୍ତମାନ ରାଜ୍ୟରେ ସ୍କୁଲଗୁଡ଼ିକ ବନ୍ଦ ରହିଛି । ଫଳରେ ସୁନ୍ଦରଗଡ଼ରେ ଥିବା ଭର୍ଚୁଆଲ୍ କ୍ଲାସ୍‌ର ମୂଳ ଯୋଜନା ସାମୟିକ ଭାବେ ଅଟକି ଯାଇଛି । କିନ୍ତୁ କାମ ଅଟକି ନାହିଁ । କୋଭିଡ୍ ପରିସ୍ଥିତିରେ ଏବେ ବିଭିନ୍ନ ବିଷୟରେ ଶିକ୍ଷକମାନଙ୍କ 'ଭିଡିଓ ଲେକଚର୍' ପ୍ରସ୍ତୁତ କରାଯାଉଛି । ଜିଲ୍ଲା ଶିକ୍ଷା ବିଭାଗ ମାଧ୍ୟମରେ ଏହା ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ ଏବଂ ବିଷୟ-ଶିକ୍ଷକଙ୍କ ବାଟ ଦେଇ ଅଭିଭାବକ ଓ ପିଲାମାନଙ୍କ ମୋବାଇଲ୍‌ରେ ପହଞ୍ଚୁଛି । ଶିକ୍ଷକମାନେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ପାଠ ପଢ଼ାଇବା ବେଳେ ଏହିସବୁ ଭିଡିଓକୁ ବ୍ୟବହାର ମଧ୍ୟ କରୁଛନ୍ତି ।

ପୁଣି ଫେରିବା ଭର୍ଚୁଆଲ୍ କ୍ଲାସ୍‌ର ମୂଳ ବିଷୟକୁ । ଏହା ଅଧୀନରେ ଯୋଡ଼ି ହୋଇଥିବା ସ୍କୁଲଗୁଡ଼ିକ ମଧ୍ୟରେ ରହିଛି ସାଧାରଣ ସରକାରୀ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ମଡେଲ ରେସିଡେନ୍ସିଆଲ୍ ସ୍କୁଲ । ଶିକ୍ଷକମାନେ ଭର୍ଚୁଆଲ୍ ଷ୍ଟୁଡିଓରେ ରହି ଗଣିତ, ବିଜ୍ଞାନ, ଇଂରାଜୀ, ଓଡ଼ିଆ, ଇତିହାସ ଓ ଭୂଗୋଳ ଆଦି ବିଷୟ ପଢ଼ାଉଛନ୍ତି ।

କ୍ଲାସରେ ପାଠ ପଢ଼ାଇବା ବେଳେ ସ୍କୁଲରେ ଶିକ୍ଷକମାନେ ବ୍ଲାକବୋର୍ଡ ବ୍ୟବହାର କରନ୍ତି । କିନ୍ତୁ ଭର୍ଚୁଆଲ୍ କ୍ଲାସରେ ସ୍ମାର୍ଟ ବୋର୍ଡ ବା ଡିଜିଟାଲ୍ ବୋର୍ଡ ରହିଥିବାରୁ ସେମାନେ ପିପିଟି, ବିଭିନ୍ନ ପ୍ରକାର ଭିଡିଓ, ଥ୍ରିଡି ଗ୍ରାଫିକ୍ସ ବ୍ୟବହାର କରିପାରୁଛନ୍ତି । ଫଳରେ ପିଲାମାନଙ୍କ ପାଇଁ ଶିକ୍ଷାଦାନ ଅଧିକ ଆକର୍ଷଣୀୟ ହୋଇପାରୁଛି । ଏପରିକି ଜିଲ୍ଲାର ଜଣାଶୁଣା ବିଜ୍ଞାନ ଶିକ୍ଷକମାନେ ଷ୍ଟୁଡିଓକୁ ଆସି ଲାଇଭ୍ କ୍ଲାସ୍ ମାଧ୍ୟମରେ ବିଭିନ୍ନ ପ୍ରକାର ସାଇନ୍ସ ଏକ୍ସପେରିମେଂଟ କରି ପିଲାଙ୍କୁ ଦେଖାଇ ପାରୁଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ଭର୍ଚୁଆଲ୍ କ୍ଲାସ୍ ମାଧ୍ୟମରେ ୧୪,୫୦୦ ମିନିଟ୍‌ରୁ ଅଧିକ ସମୟର କ୍ଲାସ୍ ହେବା ସହ ୨୨,୫୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ସେହିପରି ଏହି ଶିକ୍ଷାଦାନ ବ୍ୟବସ୍ଥାରେ ଭାଗ ନେଇ ଜିଲ୍ଲାର ୧୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ବିଭିନ୍ନ ବିଷୟ ପଢ଼ାଇବାର ଅନୁଭୂତି ହାସଲ କରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପକ୍ଷରୁ ଆର୍ଥିକ ସହାୟତା କ୍ରମେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ।

"ଭର୍ଚୁଆଲ୍ କ୍ଲାସ୍ ହେଉଛି ଯୋଗାଯୋଗ ବିଜ୍ଞାନ ଏବଂ ଶିକ୍ଷାର ଏକ ଅପୂର୍ବ ମିଶ୍ରଣ । ଏହା ଫଳରେ ଆମେ ଜଣେ ଅଭିଜ୍ଞ ଶିକ୍ଷକଙ୍କର ଅନୁଭୂତିକୁ ଗୋଟିଏ ଶ୍ରେଣୀ ଗୃହ ବା ଅଳ୍ପ କିଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନରଖି ବ୍ୟାପକ କରିପାରୁଛୁ । ମୁଁ ଆଶା କରୁଛି ଯେ କୋଭିଡ୍ ପରିସ୍ଥିତି ଟଳିଯିବା ପରେ ଏହି ଭର୍ଚୁଆଲ୍ କ୍ଲାସ ଆମ ଜିଲ୍ଲାର ସ୍କୁଲ ପିଲାମାନଙ୍କ ପାଇଁ ବିଶେଷ ସହାୟକ ହେବ," କହିଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ।

ଭର୍ଚୁଆଲ୍ କ୍ଲାସ୍ ପରିଚାଳନା ପାଇଁ ଜିଲ୍ଲାର ସମ୍ପୃକ୍ତ ୭୦ଟି ସ୍କୁଲରେ ସ୍ମାର୍ଟ କ୍ଲାସ୍ ପ୍ରସ୍ତୁତ କରାଯାଇଛି । ପିଲାମାନେ ସେଠାରେ ବସି ସାମ୍ନାରେ ଥିବା ବଡ଼ ଟେଲିଭିଜନ୍ ପରଦା ମାଧ୍ୟମରେ ପାଠ ପଢ଼ୁଛନ୍ତି । ପିଲାଙ୍କ ପାଇଁ କର୍ଡଲେସ୍ ମାଇକ୍ରୋଫୋନ୍ ଦିଆଯାଇଥିବାରୁ ସେମାନେ ଷ୍ଟୁଡିଓରେ ଥିବା ଶିକ୍ଷକଙ୍କୁ ପ୍ରଶ୍ନ ପଚାରିବା ସହ ସିଧାସଳଖ କଥାବାର୍ତ୍ତା ହୋଇପାରୁଛନ୍ତି । ମହାରାଷ୍ଟ୍ରସ୍ଥିତ ଭାଲ୍ୟୁଏବଲ୍ ଏଡୁଟେନ୍‌ମେଣ୍ଟ୍ ସଂସ୍ଥାର ବୈଷୟିକ ସହଯୋଗକ୍ରମେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ।

# ଅଡିଓ ମାଧ୍ୟମରେ ପିଲାଙ୍କ ଶିକ୍ଷଣ ଦକ୍ଷତା ବଢ଼ାଇବା ଲାଗି ପ୍ରୟାସ

ମୋବାଇଲ ଫୋନ ଏବଂ ଅଡିଓକୁ ମାଧ୍ୟମ କରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷଣ ଦକ୍ଷତା ବଢ଼ାଇବା ଲାଗି 'ମୋ ସ୍କୁଲ' ଏକ ନୂଆ ଉଦ୍ୟମ ଆରମ୍ଭ କରିଛି । ଡିଜିଟାଲ୍ ଲର୍ନିଂ କଂପାନି 'ଥିଙ୍କ୍ ଜୋନ୍'ର ବୈଷୟିକ ସହଯୋଗରେ ରାଜ୍ୟର ୩ଟି ଜିଲ୍ଲାରେ ଏହି ପାଇଲଟ କାର୍ଯ୍ୟକ୍ରମ ନଭେମ୍ବର ପହିଲାରୁ ଆରମ୍ଭ ହୋଇଛି । ଏଥିପାଇଁ ଆଦାନି ଫାଉଣ୍ଡେସନ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ଆଗେଇ ଆସିଛି ।



ଏହି ଶିକ୍ଷଣ କାର୍ଯ୍ୟକ୍ରମରେ ମେସେଜ ଓ ଅଡିଓ ଜରିଆରେ ପିଲାଙ୍କୁ ପାଠ ପ୍ରତି ଆକୃଷ୍ଟ କରାଯାଉଛି । ସିଧାସଳଖ ପାଠ ନପଢ଼ାଇ ମଜାଦାର ଶୈଳୀରେ ଗଣିତ ଓ ମାତୃଭାଷା ବିଷୟକୁ ଅଡିଓ କଣ୍ଟେଣ୍ଟ୍ ମାଧ୍ୟମରେ ଉପସ୍ଥାପନ କରାଯାଉଛି । ସାନ ସାନ ପିଲାଙ୍କ କ୍ଷେତ୍ରରେ ଅଭିଭାବକମାନେ ନିଜେ ମୋବାଇଲ ଧରି ପିଲାଙ୍କୁ ସାହାଯ୍ୟ କରୁଛନ୍ତି । ଭଲ ଭାବେ ଇଣ୍ଟରନେଟ୍ ଆସୁନଥିବା ଅଞ୍ଚଳରେ ମଧ୍ୟ ଏହି ସେବା ଚାଲୁ ରହିପାରିବ ।

ପାଇଲଟ୍ କାର୍ଯ୍ୟକ୍ରମ ଭାବେ ଖୋର୍ଦ୍ଧା, କଟକ ଓ ଭଦ୍ରକ ଜିଲ୍ଲାର ଗୋଟିଏ ଲେଖାଁଏ ବ୍ଲକ୍‌ରେ ଏହା ଆରମ୍ଭ ହୋଇଛି । ଗୋଟିଏ କ୍ଲଷ୍ଟରରେ ୧୫ଟି ସ୍କୁଲ ରହିଥିବା ବେଳେ ମୋଟ ୭ଟି କ୍ଲଷ୍ଟରରେ ଏହା ପହଞ୍ଚିଛି । ୩ ମାସ ପାଇଁ ପରୀକ୍ଷାମୂଳକ ଭାବେ କରାଯାଉଥିବା ଏହି କାର୍ଯ୍ୟକ୍ରମକୁ ପରବର୍ତ୍ତୀ ସମୟରେ ବ୍ୟାପକ କରିବାକୁ ଯୋଜନା ରଖାଯାଇଛି ।

ପିଲାଙ୍କ ପାଇଁ ଥିଙ୍କ୍‌ଜୋନ୍ ବିଭିନ୍ନ ଅଡିଓ ପ୍ରସ୍ତୁତ କରିଛି । ବୟସ ଅନୁସାରେ ଶିଶୁର ଦକ୍ଷତାର ସ୍ତର ବୃଦ୍ଧି କରିବା ଏହାର ଲକ୍ଷ୍ୟ । ଏହି ଅଡିଓ ପାଠ୍ୟକ୍ରମକୁ ଏସ୍‌ସିଇଆର୍‌ଟି ଅନୁମୋଦନ କରିଛି ।

ଏହି ହୋମ୍ ବେସ୍‌ଡ ଲର୍ନିଂ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି ଏବଂ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

କୋଭିଡ୍ ପାଇଁ ପିଲାମାନେ ଘରେ ରହିଛନ୍ତି । ସେମାନଙ୍କୁ ବିଭିନ୍ନ ଡିଜିଟାଲ୍ ମାଧ୍ୟମରେ ଯୋଡ଼ି ଶିକ୍ଷାଦାନ ପ୍ରକ୍ରିୟାକୁ ନିରନ୍ତର ରଖିବାକୁ ସରକାର ଉଦ୍ୟମ କରୁଛନ୍ତି । କୋଭିଡ୍ ପରିସ୍ଥିତିରେ ଏହି କାର୍ଯ୍ୟକ୍ରମ ପିଲାଙ୍କୁ ସ୍କୁଲ ପାଠ୍ୟକ୍ରମ ସାଙ୍ଗରେ ଯୋଡ଼ି ରଖିବା ସହ ସେମାନଙ୍କ ଦକ୍ଷତାର ସ୍ତର ବଢ଼ାଇବ ।

## ଶିକ୍ଷକଙ୍କ ପାଇଁ ଭର୍ଚୁଆଲ ଲର୍ନିଂ କାର୍ଯ୍ୟକ୍ରମ

୨୦୨୦ ଅଗଷ୍ଟ ୧୦ରେ 'ମୋ ସ୍କୁଲ' ପକ୍ଷରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା ଭର୍ଚୁଆଲ ଲର୍ନିଂ ପ୍ରୋଗ୍ରାମ । ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ, ମୋ' ସ୍କୁଲ ଅଭିଯାନର ଅଧକ୍ଷା, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ମୋ' ସ୍କୁଲ ଅଭିଯାନର ସଚିବ ସଦସ୍ୟ ଏବଂ ୟୁନିସେଫର ଓଡ଼ିଶା କର୍ମକର୍ତ୍ତାଙ୍କ ସହିତ ୩୦ଟି ଜିଲ୍ଲାର ଶିକ୍ଷା ବିଭାଗ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।



ରାଜ୍ୟର ବିଭିନ୍ନ ଜୋନ୍‌ରୁ ମୋଟ ୨୬୨ଟି ସ୍କୁଲର ୨୭୨ ଜଣ ଶିକ୍ଷକଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଥିଲା । 'ସଫଳତା ପାଇଁ ଶିକ୍ଷା – ଶିଖିବା ଓ ଶିଖାଇବା' ଏବଂ 'ସଫଳତା ପାଇଁ ଶିକ୍ଷା – ଶ୍ରେଣୀଗୃହରୁ ଦୁନିଆ' – ବ୍ରିଟିଶ କାଉନସିଲର ୪ ସପ୍ତାହ ବିଶିଷ୍ଟ ଏହି ପାଠ୍ୟକ୍ରମର ଦୁଇଟି ବିଷୟରେ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା । ସେମାନେ ନିଜର ଆଗ୍ରହ ଅନୁଯାୟୀ ଗୋଟିଏ ବିଷୟରେ ଏହି ଅନ୍‌ଲାଇନ୍ ତାଲିମ ଗ୍ରହଣ କରିଥିଲେ ।

ଏହି ପାଠ୍ୟକ୍ରମ ଆମ ଶିକ୍ଷକମାନଙ୍କୁ ନିଜ ଜ୍ଞାନ ଓ ଅଭିଜ୍ଞତା ସହ ବିଶ୍ୱର ଅନ୍ୟ ଶିକ୍ଷକଙ୍କ ସହ ତୁଳନା କରିବାର ସୁଯୋଗ ଆଣିଦେଇଥିଲା । ଜଣେ ଶିକ୍ଷକଙ୍କ ପାଇଁ ନିରନ୍ତର ବୃତ୍ତିଗତ ବିକାଶ ଆବଶ୍ୟକ । ସେମାନଙ୍କ ଦକ୍ଷତାକୁ ଆଗେଇ ନେବାରେ 'ମୋ ସ୍କୁଲ'ର ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିଛି ।

# ଶିକ୍ଷା ପ୍ରଶାସକଙ୍କ ପାଇଁ 'ନଲେଜ୍ ସିରିଜ୍'



ୟୁନିସେଫ ଓଡ଼ିଶା ସହଯୋଗରେ ଆୟୋଜିତ ହୋଇଥିଲା ଜ୍ଞାନମାଳା ବା ନଲେଜ ସିରିଜ ୱେବିନାର । ଶିକ୍ଷା ପ୍ରଶାସକ ଭାବେ କାମ କରୁଥିବା ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଓଡ଼ିଶାର ମନୋନୀତ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ପାଇଁ ଏହା ଥିଲା ଏକ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ।

୨୦୨୦ ଅଗଷ୍ଟ ୧୨, ୧୭, ୧୮ ଓ ୨୨ ତାରିଖରେ ୪ଟି ବିଷୟ ଉପରେ ୩/୪ ଘଣ୍ଟା ଲେଖାଏଁ ଭାଗ ଭାଗ କରି ୱେବିନାର ଆୟୋଜିତ ହୋଇଥିଲା । ଗୁଜରାଟର ଏମ୍ଏସ୍ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଥୋମାସ ବଦୟା ଏହି ୱେବିନାର ପରିଚାଳନା କରିଥିଲେ ।

କୋଭିଡ୍ ଭଳି ମହାମାରୀର ମୁକାବିଲା ସହ ଶିକ୍ଷାଦାନ ଓ ଶିକ୍ଷଣ ପରିବେଶର କିପରି ସୁପରିଚାଳନା କରିହେବ ତାହା ଥିଲା ଏହି ଜ୍ଞାନମାଳାର ମୁଖ୍ୟ ବିଷୟ । ଏଥିରେ ଚିନ୍ତା ଓ ଅବସାଦ ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସୁସ୍ଥତା ବଜାୟ ରଖିବା ତଥା ଶାରୀରିକ ସୁସ୍ଥତା ନିର୍ମାଣ ପରି ବିଷୟ ଉପରେ ଆଲୋଚନା କରାଯାଇଥିଲା ।

ଏହି ୱେବିନାର ସିରିଜ୍‌ରେ ଭାଗ ନେଇଥିଲେ ଓଡ଼ିଶାର ୩୦ଟି ଜିଲ୍ଲାର ଶିକ୍ଷା ପ୍ରଶାସକ ଓ ପ୍ରମୁଖ ଶିକ୍ଷକ । କରୋନା ସମୟରେ ପିଲାଙ୍କ ପାଠପଢ଼ାକୁ ନିରନ୍ତର କରିବା, ଶିକ୍ଷା ପ୍ରଶାସକଙ୍କ କ୍ଷେତ୍ରରେ ଯୋଜନା ଓ ଦାୟିତ୍ୱକୁ ପ୍ରାଥମିକତା ଦେବା ତଥା ଲଗାତାର ଭାବେ ନିଜ ଦକ୍ଷତାରେ ବୃଦ୍ଧି କରିବା ଉପରେ ଏହି ନଲେଜ ସିରିଜ୍‌ର ଦୃଷ୍ଟି ରହିଥିଲା ।

## ଶିଶୁ ଅଧିକାରର ସୁରକ୍ଷା ଓ ସଶକ୍ତିକରଣ:

# ଏକ ସର୍ଜନାତ୍ମକ ପରିପ୍ରକାଶ - 'କଲ୍ଲୋଳ'






'କଲ୍ଲୋଳ' । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ଓ ୟୁନିସେଫ୍ ମିଳିତ ଭାବେ ପ୍ରତି ବର୍ଷ ଅୟୋଜନ କରୁଛନ୍ତି ଏହି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା । ଓଡ଼ିଶାରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ସେମାନଙ୍କର ସଶକ୍ତିକରଣ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ।

୨୦୨୦ରେ ଏହି କାର୍ଯ୍ୟକ୍ରମ ବେଳେ 'ଆଇନା' ସହ ଯୋଡ଼ି ହୋଇଥିଲା 'ମୋ ସ୍କୁଲ' । ଛାତ୍ରଛାତ୍ରୀଙ୍କ ପାଇଁ କ୍ଷୁଦ୍ର ଚଳଚ୍ଚିତ୍ରର ସ୍କ୍ରିପ୍ଟ ଲେଖା ଓ ରେଡିଓ ଜିଙ୍ଗଲ୍ସ ପ୍ରସ୍ତୁତି ଉପରେ ଭର୍ଚୁଆଲ କର୍ମଶାଳା ଆୟୋଜିତ ହୋଇଥିଲା । ୪୧ଟି ସ୍କୁଲର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ୩୧ ଜଣ ମେଣ୍ଟର ଏଥିରେ ଭାଗ ନେଇଥିଲେ ।

ପ୍ରତ୍ୟେକ ସ୍କୁଲରୁ ଜଣେ ଲେଖାଏଁ ମେଣ୍ଟର ଓ ୫ ଜଣ ଛାତ୍ରଛାତ୍ରୀ ରହିଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇ କର୍ମଶାଳାର ଆୟୋଜନ କରାଯାଇଥିଲା । ସେହିପରି ମେଣ୍ଟରମାନଙ୍କୁ ନେଇ ମଧ୍ୟ ଗୋଟିଏ ଅଲଗା କର୍ମଶାଳା ହୋଇଥିଲା । ସେମାନେ ପିଲାମାନଙ୍କୁ କିପରି ପରିଚାଳିତ କରିବେ ସେ ଦିଗରେ ବିସ୍ତୃତ ଧାରଣା ଦିଆଯାଇଥିଲା ।

'ମୋ ସ୍କୁଲ'ର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, 'ଆଇନା'ର ସଂପାଦିକା ସ୍ନେହ ମିଶ୍ର ଏବଂ ୟୁନିସେଫ୍ ଓଡ଼ିଶାର କମ୍ୟୁନିକେସନ, ଆଡ୍‌ଭୋକେସି ଏବଂ ପାର୍ଟନରସିପ୍ ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଫିଲ୍ମ ଓ ରେଡିଓ ବିଭାଗରେ ବିଶେଷଜ୍ଞ ଭାବେ ଲଲାଟେନ୍ଦୁ ରଥ, ସୁବାସ ଦାଶ, ବିୟତ୍‌ପ୍ରଜ୍ଞା ତ୍ରିପାଠୀ, ଅଶୋକ ପାଣିଗ୍ରାହୀ, ଆର୍‌ଜେ ସ୍ମିତା, ନଳିନୀକାନ୍ତ ବିଶ୍ୱାଳ ଓ ଆର୍‌ଜେ କୋମଳ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ବିଭିନ୍ନ କଥା ଶିଖାଇଥିଲେ ।

କୋଭିଡ୍ ପାଇଁ ବର୍ତ୍ତମାନ ସବୁ ସ୍କୁଲ ବନ୍ଦ ରହିଛି । ତେଣୁ ଏଭଳି ସମୟରେ ପିଲାମାନଙ୍କର ସର୍ଜନାତ୍ମକ ବିକାଶ ପାଇଁ ଏକ ନୂଆ ସୁଯୋଗ ଆଣିଦେଇଥିଲା 'କଲ୍ଲୋଳ' ।

# ବିଜ୍ଞାନାଗାର ହୋଇପାରିଛି ବଡ଼ ଆକର୍ଷଣ

ବାଲେଶ୍ୱର ଜିଲା ଖଇରା ବ୍ଲକର ମାଖନପୁର ପଞ୍ଚାୟତ ନୋଡାଲ ହାଇସ୍କୁଲ। ଦିନେ ଏକମାତ୍ର ଲମ୍ବା କୋଠରି ଥିଲା ସ୍କୁଲରେ ବଡ଼ ସମ୍ବଳ। ସେଇଥିରେ ପରଦା ଟାଣି ଭାଗ ଭାଗ ହୋଇ ବିଭିନ୍ନ ଶ୍ରେଣୀର ପିଲା ବସି ପାଠ ପଢୁଥିଲେ। କିନ୍ତୁ ଏବେ ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜି ସ୍କୁଲର ବିଭିନ୍ନ ଆବଶ୍ୟକତା ପୂରଣ ହେବା ସହ ବିଜ୍ଞାନାଗାର ବି ସମୃଦ୍ଧ ହୋଇପାରିଛି।




୧୯୭୨ ମସିହାରେ ବସନ୍ତ କୁମାର ଦାସ ଓ ଗ୍ରାମବାସୀମାନଙ୍କ ଉଦ୍ୟମରେ ଅନୁଷ୍ଠାନଟି ଜନ୍ମ ନେଇଥିଲା। ଗ୍ରାମର ସୁରେନ୍ଦ୍ର ପାଣି, ଗୋପୀନାଥ ମିତ୍ର, ସୂର୍ଯ୍ୟନାରାୟଣ ଦାସ ଓ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ବର୍ତ୍ତମାନ ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୧୯୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି।

୨୦୧୩ ପର୍ଯ୍ୟନ୍ତ ଗୋଟିଏ ବଡ଼ କୋଠରିରେ ଅଷ୍ଟମରୁ ନବମ ଶ୍ରେଣୀର ପିଲା ବସି ପାଠ ପଢୁଥିଲେ। ମାଟି-ସିମେଣ୍ଟ କାନ୍ଥକୁ ଆଜବେଷ୍ଟସ ଘର। କିନ୍ତୁ ୨୦୧୪ରେ ସରକାର ଅନୁଦାନ ଦେବା ପରେ ଏଠାରେ ୩ଟି ନୂତନ ଶ୍ରେଣୀଗୃହ ନିର୍ମାଣ କରାଗଲା। ପରକୁ ପର ସ୍କୁଲ ଗେଟ୍, କମ୍ପ୍ୟୁଟର ରୁମ୍, ଖେଳ ପଡ଼ିଆ, ବଗିଚା ଏସବୁ ହୋଇ ସ୍କୁଲର ଭିତ୍ତିଭୂମି ବ୍ୟାପକ ହେଲା।

ବିଦ୍ୟାଳୟର ଅନ୍ୟତମ ସହ-ପ୍ରତିଷ୍ଠାତା ସୂର୍ଯ୍ୟ ନାରାୟଣ ଦାସ ପୁଣି ସହଯୋଗର ହାତ ବଢ଼ାଇଲେ। ତାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କାର ସହଯୋଗ ରାଶି ପାଇଲା ସ୍କୁଲ। ଆବଶ୍ୟକ ଶ୍ରେଣୀଗୃହ ରହିଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଏହି ରାଶିକୁ ଅନ୍ୟ କିଛି ଭଲ କାମରେ ବିନିଯୋଗ କରିବାକୁ ଚାହିଁଲେ।

ସ୍କୁଲର ଛାତ୍ରଛାତ୍ରୀମାନେ ବ୍ଲକ ଓ ଜିଲାସ୍ତରର ବିଭିନ୍ନ ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ଭାଗ ନେଉଥିଲେ। ବିଜ୍ଞାନ ବିଷୟରେ ଅନେକ ପୁରସ୍କାର ପାଇ ଭଲ ନାଁ କମାଇଥିଲା ଏହି ସ୍କୁଲ। ସରକାରଙ୍କ ପକ୍ଷରୁ ବିଜ୍ଞାନ ଉପକରଣ ଆସୁଥିଲା। କିନ୍ତୁ ଅଲଗା କୋଠରି ନ ଥିବାରୁ ପିଲାମାନେ ତା'ର ଉଚିତ ବ୍ୟବହାର କରିପାରୁ ନଥିଲେ। ତେଣୁ ସହ ପ୍ରତିଷ୍ଠାତାଙ୍କଠାରୁ ଆସିଥିବା ଦାନରେ ବିଜ୍ଞାନ ପରୀକ୍ଷାଗାରଟିଏ କରିବାର ଯୋଜନା ହେଲା। ଏଥିରେ 'ମୋ ସ୍କୁଲ' ଅଭିଯାନ ଅଧୀନରେ ସରକାରଙ୍କଠାରୁ ଦୁଇଗୁଣା ଅନୁଦାନ ରାଶି ମିଶିଯିବା ଫଳରେ ସ୍କୁଲ ଦେଖିଥିବା ସ୍ୱପ୍ନ ପୂରଣ ହେଲା।

"ବିଜ୍ଞାନ ଉପକରଣ ଓ ଗବେଷଣା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛ ଧାରଣା ଦେଇପାରିବ ବିଜ୍ଞାନାଗାର। ଏହା ସେମାନଙ୍କ ଜ୍ଞାନ ବଢ଼ାଇବା ସହ ନୂତନ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ନାମ ଲେଖାଇବା ପାଇଁ ମଧ୍ୟ ଆକର୍ଷିତ କରିପାରିବ", କହିଛନ୍ତି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା।



ଶ୍ରେଣୀଗୃହରେ ଦୁନିଆର ଭବିଷ୍ୟତ

## ଏମ୍‌କେସି ହାଇସ୍କୁଲ, ବାରିପଦା:

# କୋଭିଡ୍ ପରିଚାଳନା ବାବଦରେ ସଚେତନ କଲେ ପୁରାତନ ଛାତ୍ର



ବାରିପଦାସ୍ଥିତ ଏମ୍‌କେସି ହାଇସ୍କୁଲରେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ କୋଭିଡ୍ ସଚେତନତା ପାଇଁ ଦୁଇଟି ଭର୍ଚୁଆଲ ସେସନ୍ କରାଯାଇଥିଲା । ପୁରାତନ ଛାତ୍ରମାନେ ଏଥିରେ ଭାଗନେଇ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ କୋଭିଡ୍ ପରିଚାଳନା ଉପରେ ପରାମର୍ଶ ଦେଇଥିଲେ ।

କଲମ୍ବିଆସ୍ଥିତ ମିସୌରୀ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ଡକ୍ଟର ଶଶି ଶେଖର ତ୍ରିପାଠୀ, ଆମେରିକାର ବେଥେସ୍‌ଡାସ୍ଥିତ ୟୁନିଫର୍ମଡ ସର୍ଭିସେସ୍ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସର ଶଲ୍ୟ ବିଭାଗ ପ୍ରଫେସର ଡାକ୍ତର ବିକ୍ରମ କେ. ପଲ୍, ସିଙ୍ଗାପୁରର ଆଇଏମ୍‌ଆର୍‌ଇ ଏ-ଷ୍ଟାରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଧିରଞ୍ଜନ ତ୍ରିପାଠୀ, ରାଉରକେଲାସ୍ଥିତ ଏନ୍‌ଆଇଟିର କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଡକ୍ଟର ଶାନ୍ତନୁ ରଥ ଓ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରୂପଭାନୁ ମିଶ୍ର ପ୍ରମୁଖ ଏହି ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

## ପୁରୀ ଜିଲ୍ଲା ସ୍କୁଲ:

# ମାନସିକ ଦୁଷ୍ଚିନ୍ତାରୁ ମୁକୁଳିବା ପାଇଁ ପିଲାଙ୍କୁ ବାର୍ତ୍ତା

କୋଭିଡ୍ କଟକଣା ପାଇଁ ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ରହିଛି । ଫଳରେ ଅନେକ ପିଲାଙ୍କ ମନରେ ଏକପ୍ରକାର ଅସ୍ଥିରତା ସୃଷ୍ଟି ହୋଇଛି ।

ଏହାକୁ ଆଖି ଆଗରେ ରଖି ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପୁରୀ ଜିଲ୍ଲା ସ୍କୁଲର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଭର୍ଚୁଆଲ ଭାବ ବିନିମୟ କରିଥିଲେ ପୁରାତନ ଛାତ୍ର ।



ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ, ଶିଳ୍ପୋଦ୍ୟୋଗୀ ରାଜକିଶୋର ପାତ୍ର, ରବି ସାହୁ ପ୍ରମୁଖ ପୁରାତନ ଛାତ୍ର ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ପୁରୀର ସୁରଜମଲ ଶାହ କଲେଜର ପ୍ରଫେସର ସୁରେନ୍ଦ୍ର ଜେନା ଗାନ୍ଧିଜୀଙ୍କ ଜୀବନ ଓ ଆଦର୍ଶ ଉପରେ ପିଲାଙ୍କୁ କହିଥିଲେ ।

## ଡିଏନ୍ ହାଇସ୍କୁଲ, କେନ୍ଦୁଝର:

# ପୁରାତନ ଛାତ୍ର ଗୋଟିଏ ଶିକ୍ଷାନୁଷ୍ଠାନର ବଡ଼ ସମ୍ପଦ

କେନ୍ଦୁଝରସ୍ଥିତ ଡିଏନ୍ ହାଇସ୍କୁଲର ପୁରାତନ ଛାତ୍ରମାନେ ଦୁଇ ବର୍ଷ ହେଲା ବିଭିନ୍ନ ବିଷୟରେ ପିଲାଙ୍କୁ ଶିକ୍ଷା ଓ ତାଲିମ ଦେଇଆସୁଛନ୍ତି । ପୁରାତନ ଛାତ୍ର ବନବିହାରୀ ମିଶ୍ର ପିଲାଙ୍କର ଅନ୍‌ଲାଇନ୍ କ୍ଲାସ ନେଇ ସେମାନଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ, ପ୍ଲାଷ୍ଟିକ ମୁକ୍ତ ପରିବେଶ, ପରିବେଶ ସୁରକ୍ଷାରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ପଢ଼ାଇଥିଲେ ।




ପ୍ରସନ୍ନ ପତି ସଂସ୍କୃତ, ରଘୁନାଥ ମିଶ୍ର ଗଣିତ, ସତ୍ୟରଞ୍ଜନ ଦାସ ଇଂରାଜୀ, ଅଶୋକ ଦାଶ ସାମାଜିକ ଅଧ୍ୟୟନ ଆଦି ବିଷୟରେ ପିଲାଙ୍କ କ୍ଲାସ୍ ନେଇ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିଥିଲେ । ପ୍ରବୀଣ ଦେଓ ଆତ୍ମରକ୍ଷା କୌଶଳ ଭାବେ ବାଳକ ଓ ବାଳିକାଙ୍କୁ ମାର୍ଶଲ ଆର୍ଟ ତାଲିମ ଦେଇଥିଲେ । ଲକ୍‌ଡାଉନ୍ ସମୟରେ ଛାତ୍ରଛାତ୍ରୀଙ୍କୁ ନେଇ ସଫେଇ କାର୍ଯ୍ୟ, ଚାରାରୋପଣ ଓ ହଷ୍ଟେଲରେ ଯୋଗ କ୍ଲାସ ମଧ୍ୟ ହୋଇଥିଲା ।

## ଟିଟିଲାଗଡ଼ ଧବଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ:

# ବିକାଶ ପଛର କାହାଣୀ



ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଧବଳେଶ୍ୱର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ । ୧୯୬୨ରେ ଏହା ପ୍ରତିଷ୍ଠା ହେବା ଦିନଠାରୁ ଏଯାବତ୍ ସ୍କୁଲ ପ୍ରତି ଅବଦାନ ଦେଇ ଆସିଛନ୍ତି ଦୁଇଭାଇ । ସେମାନେ ହେଲେ ରାମହରି ସାହୁ ଓ ତାଙ୍କ ସମ୍ପର୍କୀୟ ଭାଇ ସତ୍ୟ ନାରାୟଣ ସାହୁ ।

ରାମହରି ବାବୁ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ । ସତ୍ୟନାରାୟଣ ବାବୁ ଜଣେ ଆଇନଜୀବୀ । ଉଭୟଙ୍କ ବୟସ ୭୮ ପାଖାପାଖି ।ଆରମ୍ଭରେଅନୁଷ୍ଠାନରନାମଧବଳେଶ୍ୱର ବିଦ୍ୟାପୀଠ ଥିଲା ଓ ଏହାର ପ୍ରତିଷ୍ଠା ପଛରେ ପ୍ରମୁଖ ଭୂମିକା ନେଇଥିଲେ ସେମାନଙ୍କ ପରିବାର ।

"ପ୍ରତିଷ୍ଠା ହେବା ସମୟରେ ମାତ୍ର ଜଣେ ଶିକ୍ଷକଙ୍କୁ ନେଇ ସ୍କୁଲ ଆରମ୍ଭ ହୋଇଥିଲା । ସେତେବେଳେ ଆମେ କଲେଜରେ ପଢୁଥିଲୁ । କଲେଜ ଛୁଟି ଥିଲେ ଆମେ ଆସି ସ୍କୁଲରେ ପିଲାଙ୍କୁ ପଢ଼ାଉଥିଲୁ । ଏପରିକି ଡ୍ରାମା କରି ସେଥିରୁ ମିଳୁଥିବା ଅର୍ଥକୁ





ସ୍କୁଲ କାମରେ ଲଗାଇ ଦେଉଥିଲୁ", କହିଛନ୍ତି ଶ୍ରୀଯୁକ୍ତ ସତ୍ୟନାରାୟଣ ସାହୁ ।

୨୦୦୭ରେ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଯୋଡ଼ିହେଲା । ୨୦୦୮ରେ ସ୍କୁଲ କୋଠାଘରର ରୂପ ନେଲା । ସେତେବେଳେ ରାମହରି ଓ ସତ୍ୟନାରାୟଣଙ୍କ ପରିବାରର ସହଯୋଗରେ ୪ଟି ଏବଂ ସରକାରୀ ଅନୁଦାନରେ ଆଉ ୪ଟି ଶ୍ରେଣୀଗୃହ ନିର୍ମାଣ ହୋଇଥିଲା ।

୨୦୧୬ରେ ହାଇସ୍କୁଲ ପାଇଁ ଅନୁମତି ମିଳିବା ପରେ ୨୦୧୭ ଶିକ୍ଷାବର୍ଷରୁ ଏଠାରେ ନବମ ଓ ଦଶମ ଶ୍ରେଣୀ ଆରମ୍ଭ କରାଗଲା । ବର୍ତ୍ତମାନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୬୬୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।

"ଅଧିକ ପିଲାଙ୍କ ପାଇଁ ଶ୍ରେଣୀଗୃହ ଓ ଅନ୍ୟ ଭିତ୍ତିଭୂମି ଆବଶ୍ୟକ ଥିଲା । ଏହାକୁ ପୂରଣ କରିବା ପାଇଁ ଆମେ ଗଢ଼ିଲୁ ଧବଳେଶ୍ୱର ଚାରିଟେବୁଲ ଟ୍ରଷ୍ଟ । ଆମର ପିଲାମାନେ, ସମ୍ପର୍କୀୟ ଓ ଅନେକ ବନ୍ଧୁ ଏହି ସ୍କୁଲରୁ ଶିକ୍ଷା ଲାଭ କରିଛନ୍ତି । ସେମାନେ ଏବେ ନିଜ ନିଜ ଜାଗାରେ ବେଶ୍ ପ୍ରତିଷ୍ଠିତ । ତେଣୁ ସ୍କୁଲର ଭିତ୍ତିଭୂମିକୁ ନୂଆ ରୂପ ଦେବା ପାଇଁ ସମସ୍ତେ ଆର୍ଥିକ ସହଯୋଗର ହାତ ବଢ଼ାଇଲେ", କହିଛନ୍ତି ରାମହରି ସାହୁ ।

ଏହି ଉଦ୍ୟମ ଯୋଗୁଁ ୨୦୧୮ ବେଳକୁ ପ୍ରାୟ ୩୫ ଲକ୍ଷ ଟଙ୍କା ସଂଗ୍ରହ ହୋଇପାରିଥିଲା । ସେହି ସମୟରେ ରାଜ୍ୟ ସରକାର ଆରମ୍ଭ କଲେ 'ମୋ ସ୍କୁଲ ଅଭିଯାନ' । ଅଭିଯାନ ଅଧୀନରେ ୩୫ ଲକ୍ଷ ଟଙ୍କା ଜମା ଦେବାରୁ ସ୍କୁଲକୁ ତାହାର ଦୁଇଗୁଣା ଅନୁଦାନ ମିଳିଲା । ସେହି ଅର୍ଥରେ ନୂଆ ଦୁଇମହଲା କୋଠା ତିଆରି ହୋଇପାରିଲା । ଏଥିରେ ୧୬ଟି କ୍ଲାସରୁମ୍ କରାଯାଇଛି । ଆବଶ୍ୟକ ବିଦ୍ୟୁତ୍‌କରଣ, ବାଳକ ଓ ବାଳିକାଙ୍କ ପାଇଁ ଶୌଚାଳୟ ଏବଂ ବିଜ୍ଞାନ ଲାବୋରାଟୋରି ମଧ୍ୟ କରାଯାଇଛି ।

ତାଙ୍କ ପରିବାର ଲୋକ ଓ ବନ୍ଧୁମାନେ ମିଶି ପୁଣି ୭ ଲକ୍ଷ ଟଙ୍କା ସଂଗ୍ରହ କଲେ । ତାହାକୁ ସ୍କୁଲର ପାଚେରି ପ୍ରସ୍ତାବ ସହ 'ମୋ ସ୍କୁଲ ଅଭିଯାନ'ରେ ଯୋଡ଼ିବା ଫଳରେ ସେ କାମ ବି ହେବାକୁ ଯାଉଛି ।

୪.୮୭ ଏକର ଜମିରେ ଥିବା ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ନବ କଳେବର ପାଇଁ ଟ୍ରଷ୍ଟ ଦିନେ ଯେଉଁ ସ୍ୱପ୍ନ ଦେଖିଥିଲା, ସେଥିରେ ସାହସ ଓ ସମ୍ବଳ ଯୋଡ଼ି ତାକୁ ସତରେ ପରିଣତ କଲା 'ମୋ ସ୍କୁଲ ଅଭିଯାନ' ।



ଏବେ ଖେଳକୁଦର ଅବସର

# କଳାପଟାରୁ ଟାବ୍‌ଲେଟ୍ – ବଦଳୁଛି ଶିକ୍ଷାଦାନର ଧାରା



ପାରମ୍ପରିକ ଧାରାରୁ ବାହାରି ଡିଜିଟାଲ ପ୍ଲାଟଫର୍ମରେ ମାତୃଭାଷାରେ ପିଲାଙ୍କୁ ସୃଜନଶୀଳ ଶିକ୍ଷା ପ୍ରଦାନ କରିବା ଏକ ନୂଆ ରାସ୍ତା ନିଶ୍ଚୟ । ଏହି ରାସ୍ତାରେ ଚାଲିଛି 'ଆଭେତି ଲର୍ନିଂ' । ଓଡ଼ିଶାର ଗ୍ରାମାଞ୍ଚଳରେ ଏହି ସେବା ପହଂଚାଇବାକୁ ଅଣ୍ଟା ଭିଡ଼ିଛି ଏହି ସଂସ୍ଥା ।

ଆଭେତି ଲର୍ନିଂ ପଛରେ ରହିଛି ଦୁଇ ଜଣ ଓଡ଼ିଆଙ୍କ ହାତ । ସେମାନେ ହେଲେ ବିଶ୍ୱଜିତ ନାୟକ ଓ ସୁଶାନ୍ତ ମହାପାତ୍ର । ଆଭେତିର ସିଇଓ ଥିବା ସୁଶାନ୍ତ ଜଣେ ଶିକ୍ଷକ । ବିଶ୍ୱଜିତ ହେଉଛନ୍ତି ଆଭେତି ପଛରେ ଥିବା ମାଷ୍ଟର ମାଇଣ୍ଡ ଓ ଏହାର ସିଇଓ । ଉଭୟ ଅନେକ ବର୍ଷ ଧରି ଏଭଳି ଏକ ମଡେଲ ଉପରେ କାମ କରିଆସୁଥିଲେ, ଯାହା ଓଡ଼ିଶାର ଅବହେଳିତ ପିଲାଙ୍କୁ ପାରମ୍ପରିକ ପାଠପଢ଼ା ପଦ୍ଧତି ଛାଡ଼ି ଟାବଲେଟ୍ ମାଧ୍ୟମରେ ଡିଜିଟାଲ ଶିକ୍ଷା ଦେଇପାରିବ ।

ଡିଜିଟାଲ ପ୍ଲାଟଫର୍ମରେ ଶିକ୍ଷାଦାନ ପରିକଳ୍ପନା ନେଇ ସ୍କୁଲ ପିଲାଙ୍କ ପାଖରେ ପହଞ୍ଚିଥିଲା ଆଭେତି । ଏହାର ସ୍ମାର୍ଟ କ୍ଲାସ ପିଲାଙ୍କ ପାଇଁ ଆନନ୍ଦଦାୟକ ହେଉଥିଲା । କିନ୍ତୁ କରୋନା ଯୋଗୁଁ ସ୍କୁଲ ବନ୍ଦ ରହିଛି । ଏବେ ଆଭେତି ଦ୍ୱାରା ପ୍ରସ୍ତୁତ ଭିଡିଓ ଏବଂ ଏକ୍ସରସାଇଜ୍ ଯୋଗୁଁ ପିଲାମାନେ ଘରେ ରହି ମଧ୍ୟ ପାଠ ପଢ଼ି ପାରୁଛନ୍ତି ।

"ଆମେ ଯେଉଁ କଥା ବ୍ଲାକବୋର୍ଡରୁ ବୁଝିପାରୁ ନଥିଲୁ, ସେଇଟା ଭିଡିଓ ଦେଖି ବୁଝିପାରୁଛୁ । ଏଥିରେ ଆମର ଭଲ ମାର୍କ ମଧ୍ୟ ଆସିବ ବୋଲି ଆଶା କରୁଛି । ସ୍ମାର୍ଟ କ୍ଲାସ ଦ୍ୱାରା ଯେଉଁମାନେ ବୁଝିପାରୁ ନ ଥିଲେ, ନର୍ଭସ ହେଉଥିଲେ, ପ୍ରାକ୍ଟିକାଲ ଭିଡିଓ ଦେଖି ସେମାନେ ସବୁ ଭଲ-ଭାବେ ବୁଝିପାରୁଛନ୍ତି", କହିଛନ୍ତି ଭୁବନେଶ୍ୱର ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର ଜାନୁ ମାରାଣ୍ଡି ।

ଆଭେତି ଲର୍ନିଂ ଆପ୍‌ରେ ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟାୟ ଅନୁସାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଡିଜିଟାଲାଇଜ୍ କରାଯାଇ ମୋବାଇଲ ଆପ୍‌ରେ ମଧ୍ୟ ଛଡ଼ାଯାଉଛି ।

'ମୋ ସ୍କୁଲ' ସହ ଆଭେତି ଲର୍ନିଂ ଯୋଡ଼ି ହୋଇଛି । ପୁରାତନ ଛାତ୍ରଛାତ୍ରୀଙ୍କ ଆର୍ଥିକ ସହଯୋଗ ବଳରେ ରାଜ୍ୟର କେତେକ ସ୍କୁଲରେ ସ୍ମାର୍ଟ କ୍ଲାସ ସ୍ଥାପନ କରାଯାଉଛି । ଭୁବନେଶ୍ୱରର ବାଣୀବିହାର, ୟୁନିଟ୍-୮, ୟୁନିଟ୍-୯, ୟୁନିଟ୍-୧ ଏହିପରି ୪ଟି ସ୍କୁଲରେ କାମ କରୁଛି ଆଭେତି ।ସେଠାରେଅଷ୍ଟମରୁଦଶମଶ୍ରେଣୀପର୍ଯ୍ୟନ୍ତ ପିଲାଙ୍କୁ ସ୍ମାର୍ଟ କ୍ଲାସର ସୁବିଧା ଦିଆଯାଉଛି ।

"ଆଭେତିର ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଆନିମେଟେଡ୍ ଭିଡିଓ ଓ ଥ୍ରିଡି ପ୍ରୋଗ୍ରାମ ଆଦି ବ୍ୟବହାର କରାଯାଉଥିବାରୁ ପିଲାମାନେ ଭଲରେ ବୁଝିପାରୁଛନ୍ତି । ପାଠରେ ବହୁ ପଛରେ ଥିବା ପିଲାଙ୍କର ମଧ୍ୟ ଆଗ୍ରହ ବଢ଼ୁଛି । ଶିକ୍ଷକମାନଙ୍କୁ ପାଠପଢ଼ାରେ ମଧ୍ୟ ସହଜ ହେଉଛି", କହିଛନ୍ତି ଭୁବନେଶ୍ୱର ୟୁନିଟ୍-୮ ସରକାରୀ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳାଧୀ ରାଜକନ୍ୟା ଶତପଥୀ ।

"ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଙ୍କୁ ଗୋଟିଏ ପ୍ଲାଟଫର୍ମରେ ଯୋଡ଼ିଛି ଆଭେତି । ଯେଉଁ ପିଲାମାନଙ୍କ ପାଖରେ ବିଶେଷ ସୁଯୋଗ ନାହିଁ, ସେମାନଙ୍କ ପାଖରେ ପହଞ୍ଚିଛି ଆଭେତି" କହିଛନ୍ତି ଏହାର ସିଇଓ ବିଶ୍ୱଜିତ ନାୟକ ।

# ୫୦ ହଜାରରୁ ଅଧିକ ପୁରାତନ ଛାତ୍ର ଓ ଶିକ୍ଷକ 'ମୋ ସ୍କୁଲ' ଆପ୍ ମାଧ୍ୟମରେ ଯୋଡ଼ି ହୋଇଛନ୍ତି

'ମୋ ସ୍କୁଲ ଅଭିଯାନ'ର ଉଦ୍ଦେଶ୍ୟ ହେଉଛି ପୁରାତନ ଛାତ୍ରମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖି ଓଡ଼ିଶାରେ ଶିକ୍ଷାର ବିକାଶ ଧାରାକୁ ଉନ୍ନତ କରାଇବା । ଏହି ମହାନ ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ 'ମୋ ସ୍କୁଲ' ମୋବାଇଲ ଆପ୍ ଅଗ୍ରଣୀ ଭୂମିକା ନେଇଛି ।

ପୁରାତନ ଛାତ୍ରଛାତ୍ରୀମାନେ ଦେଶବିଦେଶରେ ଥାଇ ଏହି ଆପ୍ ଜରିଆରେ 'ମୋ ସ୍କୁଲ' ଅଭିଯାନ ସହ ଯୋଡ଼ି ହୋଇପାରିଛନ୍ତି । ଏହି ଆପ୍ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ । ବର୍ତ୍ତମାନ ସୁଦ୍ଧା ୫୨,୭୫୦ ଜଣ ପୁରାତନ ଛାତ୍ର, ଶିକ୍ଷକ 'ମୋ ସ୍କୁଲ' ଆପ୍‌ରେ ପଞ୍ଜୀକୃତ ହୋଇଛନ୍ତି ।



ସୋସିଆଲ ମିଡିଆ ଯୁଗରେ 'ମୋ ସ୍କୁଲ ଅଭିଯାନ'ର ପ୍ରଚାର ପ୍ରସାର ପାଇଁ ଏହି ମୋବାଇଲ ଆପ୍ ଏକ ସୁନ୍ଦର ପ୍ଲାଟଫର୍ମ ହିସାବରେ ଉଭା ହୋଇଛି ।

# ଆପଣ 'ମୋ ସ୍କୁଲ' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚେରି, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁପସ୍ଥିତିଜନିତ ସମସ୍ୟାର ସମାଧାନ କରିପାରିବେ ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟ ସ୍ତରର କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ ଆଦି କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ ।

## କେତୋଟି ସାଧାରଣ ପ୍ରଶ୍ନ

### ମୁଁ କିପରି ଯୋଗଦାନ କରିବି ?

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ । ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ ପ୍ରକଳ୍ପ ଆରମ୍ଭ କରିପାରିବେ ।

### କିଭଳି ଅର୍ଥ ଦାନ କରିବି ?

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ । ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ ଗେଟୱେ ମାଧ୍ୟମରେ ଅନଲାଇନରେ ଦାନ କରିହେବ । ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ । ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ ।

ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ଗୁଣ ଯୋଗଦାନ ରହିବ । ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ । ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ ।

### ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?

ଦାନ ରାଶି ପାଇଁ 'ମୋ ସ୍କୁଲ' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ ।

### ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?

ହଁ । ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ । କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ' ପକ୍ଷରୁ କୌଣସି ଦାନ ଦିଆଯିବ ନାହିଁ । ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ' ନିରୁତ୍ସାହିତ କରିଥାଏ । ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ

### ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ । ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ ।

### କିପରି ଯୋଗାଯୋଗ କରିବି ?

'ମୋ ସ୍କୁଲ' ଟିମ୍ ସହିତ reachout@moschool.in ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ । ତା' ଛଡ଼ା ମୋ ସ୍କୁଲ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ ।

## ଯୋଗାଯୋଗ:


ମୋ ସ୍କୁଲ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ପ୍ରତିଭା ଦୋରା
ଅଫିସର ଅନ ସ୍ପେଶାଲ ଡ୍ୟୁଟି, ମୋ ସ୍କୁଲ
+୯୧ ୯୪୩୭୨୧୯୩୦୩
pratibha@moschool.in

ଅମରଜିତ ଜେନା
ଚିଫ୍ ଅପରେଟିଂ ଅଫିସର
+୯୧ ୯୯୩୭୦୮୨୩୪୯
amarjit@moschool.in


ସୂଚନା: ଏହି ସଂଖ୍ୟାରେ ପ୍ରକାଶିତ କେତେକ ଫଟୋ କୋଭିଡ୍ ପୂର୍ବବର୍ତ୍ତୀ ସମୟର


Content, Layout & Design: ODICAST Digital